**ଗୁହାଳରେ ନିଆଁ: ଗାଈ ବାଛୁରୀ ଜୀବନ୍ତ ଦଗ୍ଧ**

ବାଲିଆପାଳ,(ସ୍ୱ.ପ୍ର.)-ବାଲିଆପାଳ ଥାନା ଅଧୀନ ଚୌଧୁରୀକୁଦ ଗ୍ରାମରେ ଶନିବାର ସନ୍ଧ୍ୟାରେ ଜୟନ୍ତ ସାହୁଙ୍କ ଗୁହାଳରେ ନିଆଁ ଲାଗି ଗାଈ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିରେ ୩ ଗାଈ ଗୁରୁତର ହୋଇଛନ୍ତି। ଗ୍ରାମବାସୀ ଓ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିବା ବେଳେ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିଶମ ବିଭାଗର ହାବିଲଦାର ଖିଲାରାମ ମାରାଣ୍ଡି, ଏଫ୍‌ଏମ୍‌ଡି ଅଭିଲାଷ ଦଳାଇ, ଏଫ୍‌ଏମ୍‌ଡି ତନ୍ମୟ ନାୟକ, ଏଫ୍‌ଏମ୍ ଈଶ୍ୱର ଚନ୍ଦ୍ର ମୁର୍ମୁ, ଏଫ୍‌ଏମ୍ ତାପସ ମୂଳିଆ, ଏଫ୍‌ଏମ୍ ପ୍ରଭାତ କୁମାର ମଲ୍ଲିକ ପହଞ୍ଚି ନିଆଁ ଲିଭାଇଥିଲେ।

## ସଂକ୍ଷେପରେ

### ତହସିଲଦାରଙ୍କ ଦ୍ୱାରା କଲ୍ୟାଣ ମଣ୍ଡପ ଶିଳାନ୍ୟାସ

ବାହାନଗା, ୨୭।୧୧(ଡି.ଏନ.ଏ.)- ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତସ୍ଥିତ ବଜାର ନିକଟରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ତହସିଲଦାରଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପଞ୍ଚାୟତ ନୂତନ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ସରକାର ୩୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ସହରୀ ଢାଞ୍ଚାରେ ଚଳିବା ସହିତ ବିବାହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନରେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇ ରାଜ୍ୟ ସରକାର ପଞ୍ଚାୟତ ମାଧମରେ ବିଭିନ୍ନ ପଞ୍ଚାୟତରେ ଗୋଟିଏ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର କରିଛନ୍ତି। ସେହି ଅନୁଯାୟୀ ବାହାନଗା ବ୍ଲକ ଖରାସାହାପୁରଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରପଞ୍ଚ ଗୌରିମଣୀ ଯେନାଙ୍କ ଦ୍ୱାରା ଭୂମିପୂଜା କରାଯିବା ସହିତ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କରଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚି ଆରଆଇ ମନୋଜ ରାଉତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପଞ୍ଚାୟତର ଆକାଶ ରାୟ, ରବୀନ୍ଦ୍ର ମହାଳିକ, ଭାଗିରଥି ପଲାଇ, ସୁଧାକର ନାୟକ, ନିର୍ମଳ ନାୟକ, ଯୋଗେନ୍ଦ୍ର ପୁହାଣ, ପଦ୍ମଲୋଚନ ଦାସ, ଶ୍ୟାମସୁନ୍ଦର ଯେନା ଓ ଭିଷ୍ମ ମହାଳିକ ପ୍ରମୁଖ।

### ଭାରତୀୟ ସମ୍ବିଧାନ କଥା କର୍ମଶାଳା

ରୂପସା, ୨୭।୧୧(ଡି.ଏନ.ଏ.) ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସେବା ଯୋଜନା ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ସମ୍ବିଧାନ କଥା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ପ୍ରାଧାପକ ଡ. ପ୍ରସନ୍ନ କୁମାର ମନ୍ତ୍ରୀ ଏଥିରେ ସଭାପତିତ୍ୱ କରି ସାମ୍ପ୍ରତିକ ପରିସ୍ଥିତିରେ ଆମ ସମାଜରେ ଭାରତୀୟ ସମ୍ବିଧାନ କଥାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧାପିକା ଅନ୍ନପୂର୍ଣ୍ଣା ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନର ପ୍ରମୁଖ ପ୍ରଣେତା ଡ. ଭୀମରାଓ ରାମଜୀ ଅମ୍ବେଡକରଙ୍କ ଅବଦାନ ଓ ସମ୍ବିଧାନର ମୁଖବନ୍ଧ ବିଷୟରେ ଆଲୋଚନା କରଥିଲେ। ଅଧାପିକା ପଦ୍ମିନୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱେଚ୍ଛାସେବୀ ବୀଣାପାଣି ବେହେରା, ସରିତା ବେହେରା, ଧରିତ୍ରୀ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, ଦୀନବନ୍ଧୁ ବାସ୍କେ, ଶୁଭାଶିଷ ମହାନ୍ତି, ପ୍ରୀତିପୁଷ୍ପା ସାହୁ, ଲକି ଗିରି, ଦେବାଶିଷ ସାହୁ, ଉମେଶ ପାତ୍ର, ଜୟନ୍ତ ମଲ୍ଲିକ, ନିରଞ୍ଜନ ମହାଳିକ ଓ ଅର୍ଚ୍ଚିତା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀମାନେ ଏକ ସଚେତନତା ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ସମ୍ବିଧାନ ସମ୍ପର୍କରେ ଜଣାଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭାରତୀୟ ସମ୍ବିଧାନ ଶୀର୍ଷକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବିଧାନର ମୁଖବନ୍ଧ ପାଠ କରାଯାଇଥିଲା। ଶେଷରେ ପ୍ରୋଗ୍ରାମ ଅଫିସର ଶମ୍ଭୁନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ସମ୍ବିଧାନ ଦିବସ

ବାଲେଶ୍ୱର ଅଫିସ, ୨୭।୧୧-ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ବ୍ରିଟିଶ୍ ହଲ ପରିସରରେ ଜାତୀୟ ସମ୍ବିଧାନ ଦିବସ ଏନ୍‌ଏସ୍‌ଏସ୍ ତରଫରୁ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଦେବଦତ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସର ଗୌରବ ଗାଥା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ସମ୍ବିଧାନ ବିଶ୍ୱର ଶ୍ରେଷ୍ଠ ସମ୍ବିଧାନ ବୋଲି ବ୍ୟାଖ୍ୟା କରିଥିଲେ। ପୂର୍ବତନ ଏନ୍‌ଏସ୍‌ଏସ୍ ଅଫିସର ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ଭାରତୀୟ ସମ୍ବିଧାନ ବିଶ୍ୱର ଏକ ଶ୍ରେଷ୍ଠ ଲିଖିତ ଗଣତାନ୍ତ୍ରିକ ସମ୍ବିଧାନ ବୋଲି ଅଭିହିତ କରିଥିଲେ। ଏନ୍‌ଏସ୍‌ଏସ୍ ଅଫିସର ସୁଲୋଚନା ସିଂ ଏବଂ ସହକାରୀ ଏନ୍‌ଏସ୍‌ଏସ୍ ଅଫିସର ରାଜେଶ ଦେ ପରିଚାଳନା କରିଥିଲେ। ଶହେରୁ ଉର୍ଦ୍ଧ୍ୱ ସେଚ୍ଛାସେବୀ ଉପସ୍ଥିତ ଥିଲେ।

# ଭଗ୍ନ ଅବସ୍ଥାରେ ଐତିହ୍ୟସମ୍ପନ୍ନ ସ୍ମୃତିସ୍ତମ୍ଭ

ପାଟଣା,୨୭।୧୧(ସ୍ୱ.ପ୍ର.)

ଦୀର୍ଘ ଦିନରୁ ବିଭିନ୍ନ ବ୍ଲକରେ ଲାଗିଥିବା ସ୍ମୃତି ସ୍ତମ୍ଭ ଗୁଡ଼ିକ ଭାଙ୍ଗି ଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ପରିସରରେ ଅଶୋକ ଚକ୍ର(ଧର୍ମ ଚକ୍ର) ସମ୍ବଳିତ ସ୍ମୃତି ସ୍ତମ୍ଭ ବଜ୍ରପାତରେ ଭାଙ୍ଗିଯିବା ପରେ ଏହାକୁ ଭଗ୍ନ ଅବସ୍ଥାରେ କାଛରେ ଡେରା ଯାଇ ଅସମ୍ମାନ ଅବସ୍ଥାରେ ରଖାଯିବାକୁ ନେଇ ବୁଦ୍ଧିଜୀବୀ ଓ ବରିଷ୍ଠ ରାଜନେତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପାଟଣାରେ ବ୍ଲକ ପ୍ରତିଷ୍ଠା ହେବା ଦିନରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ସ୍ୱତନ୍ତ୍ର ଶିଳା ଖଣ୍ଡ ଉପରେ ଅଶୋକ ଚକ୍ର ଓ ଦେବନାଗରୀ ଭାଷାରେ ପଞ୍ଚାୟତରାଜ ବ୍ୟବସ୍ଥା ଓ ମହାପୁରୁଷଙ୍କ ନୀତି ବାଣୀ ସମ୍ପର୍କିତ ସ୍ମୃତି ସ୍ତମ୍ଭ ରହିଥିଲେ। ବିଶେଷ କରି ଭଗ୍ନ ଅଶୋକଚକ୍ର ସ୍ମୃତିସ୍ତମ୍ଭକୁ ଅମର୍ଯ୍ୟାଦାଜନକ ଭାବେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖାଯିବାକୁ ନେଇ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ କରାଯାଉଛି। ବ୍ଲକ ପ୍ରଶାସନର ସଂସ୍କୃତି ବିଭାଗର ଏଭଳି ଦାୟିତ୍ୱହୀନତାକୁ ବିଭିନ୍ନ ଦଳ ପକ୍ଷରୁ ନିନ୍ଦା କରାଯାଉଛି। ଏନେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ କହିଛନ୍ତି, ଏହା ପରମ୍ପରାକୁ କ୍ଷୁର୍ଣ୍ଣ କରିବା ସହ ଏହା ଆମ ସଂସ୍କୃତିକୁ ଅସମ୍ମାନ କରୁଛି। ଏସମ୍ପର୍କରେ ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ସ୍ମୃତିସ୍ତମ୍ଭଟି ବଜ୍ରପାତରେ ଭାଙ୍ଗିଯିବା ପରେ



ସ୍ମୃତିସମ୍ଭର ଖଣ୍ଡ ବିଖଣ୍ଡିତ ଅଂଶ।

ଏହାର ପୁନଃସ୍ଥାପନ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଭାସ୍କର୍ଯ୍ୟଶିଳ୍ପୀ ମାନେ ଏହା ଯୋଡି ହେବ ନାହିଁ ବୋଲି କହିଥିଲେ। ତେବେ ଏହାର ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଛି। ନଚେତ୍ ଅବିକଳ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ କିଭଳି କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦେଇ ବିଚାର କରାଯାଉଛି।

## ଓଡିଶା କୋଷ୍ଟକେନାଲ ପୁନରୁଦ୍ଧାର ଉପରେ ଗୁରୁତ୍ୱ

**ମଞ୍ଚ ପକ୍ଷରୁ ସଚେତନତା ସଭା**

ଲଙ୍ଗଳେଶ୍ୱର, ୨୭।୧୧(ଡି.ଏନ.ଏ.)

ଓଡ଼ିଶା କୋଷ୍ଟକେନାଲ ପୁନରୁଦ୍ଧାର ମଞ୍ଚ ପକ୍ଷରୁ ସ୍ଥାନୀୟ ବଣିଆଡ଼ିହା ପଞ୍ଚାୟତର ଗଞ୍ଜା ଛକ ନିକଟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ହିମାଂଶୁ ପାତ୍ରଙ୍କର ନେତୃତ୍ୱରେ ଆୟୋଜିତ ସଭାରେ ମଞ୍ଚର ବରିଷ୍ଠ ସଦସ୍ୟ ଶୁଭଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ କୃଷି ବୈଜ୍ଞାନିକ ଅଦ୍ୱୈତ ପାତ୍ର, ପ୍ରତାପ କୁମାର ନାୟକ, ପୂର୍ବତନ ଶିକ୍ଷକ ସୁବଳ କୁମାର ମୈକାପ, ପୁରୁଷୋତ୍ତମ ସାହୁ, ଅନିରୁଦ୍ଧ ମଣ୍ଡଳ, ବିନୋଦ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା କୋଷ୍ଟକେନାଲ ଏକ ଜାତୀୟ ଐତିହ୍ୟ, ଏହାର ପୁନରୁଦ୍ଧାର ହେବା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ।

ନଅଙ୍କ ଦୁର୍ଭିକ୍ଷ ପରେ ଖାଦ୍ୟ ବଦଳରେ କାମ ପାଇଁ ଇଂରେଜ ସମୟରେ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଯାତାୟାତ ମାଲ ପରିବହନ ପାଇଁ, ବନ୍ୟା ନିୟନ୍ତ୍ରଣ, କୃଷିକ୍ଷେତରେ ଜଳସେଚନ, ଜଳ ନିଷ୍କାସନ ପାଇଁ ଏହା ଥିଲା ଏକମାତ୍ର ମାଧ୍ୟମ। କାଳକ୍ରମେ ସରକାରଙ୍କର ଅବହେଳା ଯୋଗୁ ଏହା ପୋତି ହୋଇପଡିଛି। ଏବେ ଏହା ଚିଙ୍ଗୁଡ଼ି ମାଫିଆଙ୍କ କବଳରେ। କେନାଲର ଦୁଇକଡ଼ରେ ଥିବା ଲକ୍ଷ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ମଧ ହୋଇ ନ ପାରି ପଡ଼ିଆ ପଡୁଛି। ୨୦୦୯ରୁ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇଆସୁଥିଲେ ମଧ ଏଯାଏ କିଛି ସୁଫଳ ମିଳିନି। ଖୁବଶୀଘ୍ର ଏହା ସଂସ୍କାରିତ ହୋଇ କାର୍ଯ୍ୟକ୍ଷମ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦେବାକୁ ଦସ୍ତଖତ କରାଯାଇଥିଲା। ମହେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

# ‘ପ୍ରତିଟି ଜୀବନ ମୂଲ୍ୟବାନ୍’




ବିଧାୟକ ଅନନ୍ତ ଦାସ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରୁଛନ୍ତି।

ଭୋଗରାଇ, ୨୭।୧୧(ଡି.ଏନ.ଏ.)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏଥିପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ମଣିଷର ସର୍ବନିମ୍ନ ୫ଟି ଆବଶ୍ୟକ ମୌଳିକ ସମସ୍ୟା ମଧ୍ୟରେ ସ୍ୱାସ୍ଥ୍ୟସେବା ଅନ୍ୟତମ। ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା ସମସ୍ୟା ଦୂର ହୋଇପାରୁ ନ ଥିବା ବେଳେ ଆମ ରାଜ୍ୟ ସରକାର ଏହି ସମସ୍ୟା ଦୂରୀଭୂତ ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାମିତ ଏକ ଅଭିନବ ଯୁଗାନ୍ତକାରୀ ଯୋଜନା ପ୍ରଥମଥର ଘୋଷଣା କରିଛନ୍ତି। ଯାହାକି ଅନ୍ୟ ରାଜ୍ୟ ପାଇଁ ଏକ ଉଦାହରଣ ହୋଇଛି ବୋଲି ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ହିତାଧିକାରୀଙ୍କୁ ବଣ୍ଟନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଭୋଗରାଇ ବ୍ଲକ ପରିସରରେ ଶୁକ୍ରବାର ଏହି ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଶୁଭାରମ୍ଭ କରାଯାଇଥିବା ବେଳେ ଶନିବାର ଏହି ବ୍ଲକର ୮ଟି ପଞ୍ଚାୟତରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯାଇଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ୫୦ ପଞ୍ଚାୟତର ୮୬ଟି ସେଣ୍ଟରରେ ୨ଲକ୍ଷ ୩୬ହଜାର ୪୨୨ ଜଣ ହିତାଧିକାରୀଙ୍କୁ ଉକ୍ତ ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ସମସ୍ତ ପଞ୍ଚାୟତରେ ବିଧାୟକଙ୍କ ବ୍ୟତୀତ ବିଡିଓ ଦୀପକ ଦାସ, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ଜେଲ ଅଦାଲତ

କେନ୍ଦୁଝର, ୨୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜେଲରେ ଶନିବାର ଏକ ସ୍ୱତନ୍ତ୍ର ଜେଲ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି) ଏହାର ଶୁଣାଣି କରିଥିଲେ। ବିଶେଷ କରି ୪ଟି କ୍ରିମିନାଲ ଆପୋଷ ବୁଝାମଣା ସମ୍ଭବ କେସର ଶୁଣାଣି ହୋଇଥିଲା। ଜିଆର ମାମଲା (ନଂ ୧୪୫/୨୧) ରେ ସନ୍ତୋଷିନୀ ମହାନ୍ତ ଏବଂ ଯୋଗେଶ୍ୱର ମହାନ୍ତ ଅଭିଯୁକ୍ତ ଥିଲେ। ସେମାନେ ଏବେ ବିଚାରାଧୀନ ବନ୍ଦୀଭାବେ ଜେଲରେ ଅଛନ୍ତି। ଏହି କେସ ଉଭୟ ପକ୍ଷ ଉପସ୍ଥିତିରେ ଶୁଣାଣି ହୋଇଥିବାବେଳେ ଅନ୍ୟ ୩ଟି କେସରେ ଅଭିଯୋଗକାରୀ ଆସି ନ ଥିବାରୁ ସେମାନଙ୍କର ଶୁଣାଣି ହୋଇନଥିଲା। ଜିଆର ମାମଲା (ନଂ.୧୩୬୩/୨୦୨୧)ରେ ରାମଚନ୍ଦ୍ର ନାୟକ, ଜିଆର କେସ (ନଂ ୧୫୦୪/୨୦୨୧)ରେ ମିତ୍ରଭାନୁ ନାୟକ, ଅଭିଯୁକ୍ତ ହୋଇ ଜେଲ ହାଜତରେ ଅଛନ୍ତି।

## ଭିତ୍ତିଭୂମି ନ ଥାଇ ସ୍ମାର୍ଟ କାର୍ଡ ବଣ୍ଟନ: କଂଗ୍ରେସ

ବାଲେଶ୍ୱର ଅଫିସ, ୨୭।୧୧

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଶନିବାର ସିନେମା ଛକସ୍ଥିତ ଜିଲା କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବ ରହି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ‘ଘର ନ ଥିବା ଗରିବ ଲୋକଙ୍କୁ ଏଲ୍‌ଇଡି ଟିଭି ଦେବା ସହ ସମାନ’ ବୋଲି ଆଖ୍ୟା କରି ଯୋଜନାର କାର୍ଯ୍ୟକାରିତାକୁ ନେଇ ଜିଲା କଂଗ୍ରେସ ସନ୍ଦେହ ପ୍ରକଟ କରିଛି।

ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ ଗିରି ଯୋଗଦେଇ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ‘କାଳିଆ’ ଯୋଜନା କାର୍ଯ୍ୟକାରୀ କରାଯାଇ ଭୋଟ୍ ହାତେଇଥିବା ଯୋଜନା ବନାଇଥିଲେ। ସେହିପରି ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଭୋଟ୍ ହାତେଇବାର ଏକ ଯୋଜନା ବୋଲି ଅଭିଯୋଗ କରିଛନ୍ତି। ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ଓଡ଼ିଶାର ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ବୋଲି କହିଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

## ଆବାସସ୍ଥଳୀ ଅଧିକାର ପାଇଁ ସଂଗଠିତ ହେଲେ ଭୂୟାଁ ଆଦିବାସୀ



ବୈଠକ ଆରମ୍ଭ ପୂର୍ବରୁ ଭୂୟାଁ ଆଦିବାସୀମାନେ ଏକଜୁଟ ହୋଇ ପୂଜାର୍ଚ୍ଚନା କରୁଛନ୍ତି।

କେନ୍ଦୁଝର, ୨୭।୧୧ (ସ୍ୱ.ପ୍ର.)

ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଅନୁଯାୟୀ ନିଜର ହକ ପାଇଁ ଏକଜୁଟ ହୋଇଛନ୍ତି ବାଂଶପାଳ ବ୍ଲକର ୨୧ଟି ପଞ୍ଚାୟତର ୧୪୦ଗ୍ରାମର ଭୂୟାଁ ଆଦିବାସୀ। ସେମାନଙ୍କ ବସବାସ, ଜୀବନଜୀବିକା ତଥା ସାଂସ୍କୃତିକ ଅଧିକାର ପାଇବା ଉଦ୍ଦେଶ୍ୟରେ ଆବାସ ସ୍ଥଳୀର ଅଧିକାର (ହାବିଟାଟ ରାଇଟ)ର ଆଇନଗତ ସ୍ୱୀକୃତି ପାଇବା ପାଇଁ କଲଣ୍ଡା ଓ ଯାତ୍ରା ଗ୍ରାମରେ ସଂଗଠିତ ହୋଇ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଏହି ବ୍ଲକର ଛଅ ଭୂୟାଁ ପୀଢର ସର୍ଦ୍ଦାର ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ଜଙ୍ଗଲ ଓ ପାହାଡ ଅଞ୍ଚଳରେ ରହୁଥିବା ଭୂୟାଁ ସମାଜକୁ ସଶକ୍ତ ଓ ନିଶା ମୁକ୍ତ କରିବା ପାଇଁ ଆଲୋଚନା କରିଥିଲେ। ପ୍ରଥମେ ବୈଠକ ପୂର୍ବରୁ ଏକତ୍ର ହୋଇ ପୂଜା କରିଥିଲେ। ଆରସିଡିସି ସଂଗଠନ ଓ ଭୂୟାଁ ମହାସଭା ମିଳିତ ସହଯୋଗରେ ଉକ୍ତ ସଭାରେ ଆବାସ ସ୍ଥଳୀର ଅଧିକାର କିପରି ପାଇବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବିପ୍ଲବୀ ଧରଣୀଧର ଓ ସଂଗ୍ରାମୀ ରତ୍ନା ନାଏକ ଭଳି ଭୂୟାଁ ସଂପ୍ରଦାୟର ଦାୟଦ ଭାବେ ପରିଗଣିତ ହୋଇ ଆସୁଥିବା ଏହି ବନବାସୀ ମାର୍ନେ ବହୁ ବର୍ଷ ଧରି ଅବହେଳିତ ଜୀବନ କାଟୁଛନ୍ତି। ଭୂୟାଁ ମହାସଭାର ବରିଷ୍ଠ ସଦସ୍ୟ ଯଦୁମଣୀ ଠାକୁରଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଧାନ, ସଞ୍ଜୟ ଗିରି, ନାକଫୋଡି ପ୍ରଧାନ, ବୈକୁଣ୍ଠ ପ୍ରଧାନଙ୍କ ସମେତ ଅନ୍ୟମାନେ ନିଜର ମତାମତ ରଖିଥିଲେ।

## କାଳିଆପଦାରେ କରମ ପର୍ବ

କୁଆମରା, ୨୭।୧୧(ଡି.ଏନ.ଏ.)

ଆଦିବାସୀ ଜନଜାତିଙ୍କ ଦ୍ୱାରା ବିଶ୍ୱାସ ଓ ଧର୍ମର ପ୍ରତୀକ ତଥା ସମସ୍ତଙ୍କ ମଧ୍ୟରେ ସଦ ଭାବନା ଓ ଏକତା ବଜାୟ ରଖିବା ପାଇଁ ଗୋପବନ୍ଧୁ ବ୍ଲକର ସାଇଁକୁଳା ପଞ୍ଚାୟତର କାଳିଆପଦା ଠାରେ ପ୍ରଥମାଷ୍ଟମୀ ଅବସରରେ କରମ ଦେବତାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ ବର୍ଷର ପରମ୍ପରା ଅନୁଯାୟୀ ଶିବ ପାର୍ବତୀଙ୍କୁ ଆରାଧନା କରି ଗ୍ରାମ ନିକଟ ଜଙ୍ଗଲରୁ କରମା ଓ ଧରମା ନାମରେ ବୃକ୍ଷକୁ ପୂଜା କରି କୁଆଁରୀଙ୍କ ଦ୍ୱାରା ଡାଳ ଅଣାଯାଇ ପୂଜାର୍ଚ୍ଚନା କରାଯାଇଛି। ପୂଜକ ମନ୍ତ୍ର ଉଚ୍ଚାରଣ କରି ଦେବତାଙ୍କୁ ଆବାହନ କରିବା ପରେ ଉପସ୍ଥିତ କୁଆଁରୀ ମାନେ ଦୀପ ଲଗାଇଥିଲେ। ପରେ ମହିଳା ଓ ପୁରୁଷ ଏକ ସୂତ୍ରରେ ବାନ୍ଧି ହୋଇ ମାଦଳର ତାଳେ ତାଳେ ନୃତ୍ୟ ଗୀତରେ ମସଗୁଲ ହୋଇ ପଡନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଶାନ୍ତନୁ କୁମାର ମଢୁଆଳ, ଜିଲା ପରିଷଦ ସଭ୍ୟ ନରେନ୍ଦ୍ର ପାତ୍ର, ସାଂସଦ ଇଂ ପ୍ରତିନିଧି ଶୁଶୀଲ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାର ଭିତ୍ତି ପ୍ରସ୍ତର

ପାଟଣା, ୨୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶିଠାରୁ ତାଳପଦା ଭାୟା କଣ୍ଟିଆପଡା ଗ୍ରାମ ସଡକ ଓ ମହିଷାମୁଣ୍ଡିରୁ ଶରଧାପୁର ରାସ୍ତାର ଶୁକ୍ରବାର ଭିତ୍ତିପ୍ରସ୍ଥର ସ୍ଥାପନ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦେଇପଶି ଠାରୁ କ୍ଷୀରେଇ ଟାଙ୍ଗିରି ରାସ୍ତା ନିର୍ମାଣ ପାଇଁ ୨ କୋଟି ୯୩ ଲକ୍ଷ ୮୪ ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ମହିଷାମୁଣ୍ଡିରୁ ଶରଧାପୁର ରାସ୍ତା ପାଇଁ ୧ କୋଟି ୪୯ ଲକ୍ଷ ୫୦ହଜାର ଟଙ୍କା ବ୍ୟୟବରାଦ ହୋଇଛି।

## ନୂଆବଜାର ପରିବା, ମାଛ ମାର୍କେଟ ଲୋକାର୍ପିତ

ବାଲେଶ୍ୱର ଅଫିସ, ୨୭।୧୧

ବାଲେଶ୍ୱର ନୂଆବଜାରଠାରେ ନବନିର୍ମିତ ପରିବା ଓ ମାଛ ମାର୍କେଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ନୂଆବଜାର ବ୍ୟବସାୟୀ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଧନ୍ୟବାଦ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ମହାସଂଘ ସାଧାରଣ ସମ୍ପାଦକ ଶୁଭେନ୍ଦୁ ଦାସ ସଭାପତିତ୍ୱ କରିଥିଲେ।

ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ନୂଆବଜାରଠାରେ ୨୫କୋଟି ଟଙ୍କା ବ୍ୟୟରେ ଏକ ମଲ୍ଟି ଷ୍ଟୋରେଡ ବିଲ୍ଡିଂ ସରକାରଙ୍କ ଯୋଜନାରେ ଅଛି। ଯଥାସମ୍ଭବ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ପ୍ରକଳ୍ପକୁ କେମିତି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ନୂଆବଜାରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ିବା ପାଇଁ ବ୍ୟବସାୟୀଙ୍କ କାମନା କରିବା ସହ ବର୍ଜ୍ୟବସ୍ତୁରୁ ଆବଶ୍ୟକ ସାର ଉତ୍ପାଦନକ୍ଷମ ଏକ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉପଜିଲାପାଳ ତଥା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ, ପୂର୍ବତନ ପୌରପାଳ ମନୋଜ କୁମାର ରାଉତ, ରାଜ୍ୟ ବିଜେଡି ସମ୍ପାଦକ ସତ୍ୟରଞ୍ଜନ ଦାସ, ପୌର ଇଂ. ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ଅତିଥିମାନଙ୍କୁ ଉପଢୌକନ ତଥା ପୁଷ୍ପଗୁଚ୍ଛ ଦେଇ ମହାସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ବ୍ୟବସାୟୀ ମହାସଂଘର ସୁଶୀଲ ରାଠି, ନିରଞ୍ଜନ ସାହୁ, ଦୈତାରୀ ସାହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ଥାନା ଅଧିକାରୀ

ପାଟଣା ,୨୭।୧୧(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବଜାର ନିକଟରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଫଳରେ ତିନି ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପାଟଣା ଥାନା ବେଗନା ଗ୍ରାମର ରାଜା ସେଠୀ, ଅଭୟ ସେଠୀ ଓ ସୁଜ୍ଞାନ୍ତ ସେଠୀ। ଉକ୍ତ ୩ ଯୁବକଙ୍କୁ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉକ୍ତ ଯୁବକମାନେ ପାଟଣା ବଜାରରୁ ନିଜ ଗ୍ରାମ ବେଗନାକୁ ଫେରୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରୁ ଆସୁଥିବା ଏକ ଟ୍ରାକ୍ଟର ସେମାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଅକ୍ସିଜେନ ପ୍ଲାଣ୍ଟ ଉଦ୍‌ଘାଟିତ

ଭଦ୍ରକ ଅଫିସ, ୨୭।୧୧

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ଏକ ନୂଆ ଅକ୍ସିଜେନ ପ୍ଲାଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଯାହାର ଅଟକଳ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ରହିଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଜିଲାପାଳ ତ୍ରିଲୋଚନ ମାଝି ପ୍ରମୁଖ ଯୋଗ ଦେଇ ଏହି ନୂଆ ପ୍ଲାଣ୍ଟକୁ ଉଦଘାଟନ କରିଛନ୍ତି। ନୂଆ ଅକ୍ସିଜେନ ପ୍ଲାଣ୍ଟ ହେବା ଦ୍ୱାରା ସବୁ ରୋଗୀ ମାନେ ସବୁ ସମୟ ଧରି ଅକ୍ସିଜେନ ପାଇପାରିବେ।



ଏମ୍‌ପି ମଞ୍ଜୁଲତା ମଣ୍ଡଳ ଅକ୍ସିଜେନ ପ୍ଲାଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ସହାୟତା ଅପେକ୍ଷାରେ ଚିନ୍ତାମଣି

ହାଟଡିହୀ,୨୭।୧୧(ଡି.ଏନ.ଏ.)

ଭାରି କଷ୍ଟ ହେଉଛି। ସିଧା ହୋଇ ଠିଆ ହୋଇ ପାରୁନି କି ପେଟେଇ ଏବଂ କଡ଼ ଲେଉଟେଇ ଶୋଇ ପାରୁନି। ସବୁବେଳେ ଯନ୍ତ୍ରଣା ହେଉଛି । ତଳି ପେଟରେ ଥିବା ମାଂସ ପିଣ୍ଡୁଳାରୁ ଆପେ ଆପେ ପରିଶ୍ରା ବୋହୁଛି। ଦୀର୍ଘ ୨୦ ବର୍ଷ ହେବ ଏମିତି ଯନ୍ତ୍ରଣା ସହୁଛି। ମୋ ଦେହ ଆଉ ଭଲ ହେବନି କି ଆଉ ଏ ଛଟପଟ ଯନ୍ତ୍ରଣା ସହି ପାରିବିନି। ଏପରି କଥା କହିଛନ୍ତି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତ ମୋଟରାଗଡିଆ ଗ୍ରାମର ନାରାୟଣ ସେଠୀଙ୍କ ପୁଅ ଚିନ୍ତାମଣି (୨୫)। ପିଲାଟି ବେଳୁ ଚିନ୍ତାମଣିଙ୍କ ତଳି ପେଟରେ ଏକ ମାଂସ ପେଣ୍ଡୁଳା ବାହାରିଥିଲା। ସେହି ମାଂସ ପିଣ୍ଡୁଳା ଦେଇ ଆପେ ଆପେ ପରିଶ୍ରା ବାହାରେ। ବୟସ ବଢିବା ଅନୁସାରେ ମାଂସ ପେଣ୍ଡୁଳା ବି ବଢିଲା। ସେହି ମାଂସ ପେଣ୍ଡୁଳା ଦେଇ କେତେବେଳେ ପରିଶ୍ରା ତ ଆଉ କେତେବେଳେ ରକ୍ତ ବୋହିଲା। ଯନ୍ତ୍ରଣା ଅସହ୍ୟ ହେଲା। ଦୁଇ ବର୍ଷ ପୂର୍ବେ ବାପା ନାରାୟଣ ଧାର କରଜ କରିବା ସହ ନିଜର ଥିବା ସବୁ ଚାଷ ଜମିକୁ ବିକି ପୁଅକୁ ଚିକିତ୍ସା କରିବାକୁ ନେଲେ। ଅପରେସନ ହେଲା। କିନ୍ତୁ ୭ ଦିନ ଯାଇନି। ଚିନ୍ତାମଣି ପୂର୍ବ ପରି ଯନ୍ତ୍ରଣା ଭୋଗିଲେ। ଚଳିତ ବର୍ଷ ଗତ ସେପ୍ଟମ୍ବର ମାସ କଟକ ମେଡିକାଲ ଯାଇଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ବି ହେଲା। କିନ୍ତୁ ଏ ରୋଗର



ଚିନ୍ତାମଣି ସେଠୀ।

ଚିକିତ୍ସା ଏଠି ହୋଇ ପାରିବନି କହି ଡାକ୍ତର ସେମାନଙ୍କୁ ଫେରାଇ ଦେଇଥିବା ଚିନ୍ତାମଣି କହିଛନ୍ତି। ଫଳରେ ଆଉ ସମ୍ବଳ ନ ଥିବାରୁ ଚିକିତ୍ସା ହୋଇ ପାରୁନି। ଘରେ ପଡି ରହି ଦିନ ରାତି ଯନ୍ତ୍ରଣା ଭୋଗୁଛନ୍ତି ଚିନ୍ତାମଣି। ବୁଢା ବାପାଙ୍କ ପାଇଁ ପୁଅ ଏବେ ବୋଝ ପାଲଟି ଯାଇଛନ୍ତି। ସୂଚନା ଯୋଗ୍ୟ ବାପା ନାରାୟଣ ବୃଦ୍ଧ ବୟସର ହୋଇଥିବା ବେଳେ ସେ ମଧ ରୋଗାକ୍ରାନ୍ତ ଅଟନ୍ତି। ମାଟି ଝୁମ୍ପୁଡ଼ି ଦୁଇ ବଖରା ଘରେ ପାଞ୍ଚ କୁଟୁମ୍ବ ଦୟନୀୟ ଜୀବନ ଯାପନ କରୁଛନ୍ତି। ଏମାନଙ୍କୁ ସରକାରୀ ଯୋଜନାରେ ଆବାସ ଗୃହ କିମ୍ବା ଭତ୍ତା ଖଣ୍ଡିଏ ମିଳି ପାରିନି। କେବଳ ରାଶନ କାର୍ଡରେ ଯାହା ମିଳୁଛି ଏବଂ ଅନ୍ୟ ଉପରେ ନିର୍ଭର କରି ମାଗଣ କରି ଏମାନେ ଜୀବନ ବିତାଉଛନ୍ତି। ପୁଅ ଚିନ୍ତାରେ ମା’ ଓ ବାପା ଭାଙ୍ଗି ପଡିଛନ୍ତି। ସରକାର ଏବଂ ପ୍ରଶାସନ ତୁରନ୍ତ ସାହାଯ୍ୟ କରିବାକୁ ତାଙ୍କ ବାପା ନାରାୟଣ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଡକାୟତି ଘଟଣାର ବର୍ଷେ ପରେ ୨ ଅଭିଯୁକ୍ତ ଗିରଫ

ସୋର, ୨୭।୧୧(ଡି.ଏନ.ଏ.)-ବର୍ଷେ ତଳେ ସୋର ବ୍ଲକ ସରଶଂଖ ଗ୍ରାମରେ ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଡକାୟତି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଗତ ୨୦୨୦ ଡିସେମ୍ବର ୨୬ ତାରିଖ ସନ୍ଧ୍ୟାରେ ଏହି ଗ୍ରାମର ମାନସ କୁମାର ପାଇକରାୟ ଘରେ ନ ଥିବା ବେଳେ ୨ଜଣ ସଶସ୍ତ୍ର ଡକାୟତ ଘରେ ପଶି ତାଙ୍କ ସ୍ତ୍ରୀ ଲିଲିଙ୍କୁ ଭୁଜାଲ ଦେଖାଇ ମାରିଦେବାର ଧମକ ଦେଇ ସମସ୍ତ ସୁନାଗହଣା, ମୋବାଇଲ ଏବଂ ନଗଦ ୮ହଜାର ଟଙ୍କା ଲୁଟି ନେଇ ଘର ପଛ ଦ୍ୱାର ଦେଇ ପଳାଇଯାଇଥିଲେ। ମାନସ ଘରେ ପହଞ୍ଚି ଲୁଟ୍ ଘଟଣା ସମ୍ପର୍କରେ ସୋର ଥାନାରେ ଅଭିଯୋଗ କରିଥିଲେ। ସୋର ପୋଲିସ ଅଭିଯୋଗ ଅନୁଯାୟୀ ଏକ ମାମଲା(ନଂ. ୪୫୫/୨୦) ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାରେ ସମ୍ପୃକ୍ତ ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ବଂଶୀଧର ଦାସ ଏବଂ ଅଭିରାମ ଦାସଙ୍କୁ ଶୁକ୍ରବାର ପୋଲିସ ଗିରଫ କରି ତାଙ୍କଠାରୁ ଚୋରି ମୋବାଇଲ, ଏକ ହଳ ସୁନା ପଲା ଜବତ କରି ୨ ଜଣଙ୍କୁ କୋର୍ଟଚାଲାଣ କରିଛି।

### ଜଙ୍ଗଲରୁ ଅଜଣା ମୃତଦେହ ଜବତ

ଠାକୁରମୁଣ୍ଡା, ୨୭।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲ ମହୁଲଡିହା ଥାନା ଅଧୀନ ଭଲିଆଡାଳ ଗ୍ରାମର ଢେଙ୍କିଶାଳ ସାହି ଜାଦୁବୁରୁ ପାହାଡ଼ ତଳ ନାଳ ପାଖରୁ ଶୁକ୍ରବାର ଏକ ଅଜଣା ଯୁବକଙ୍କ ମୃତଦେହ ଜବତ ହୋଇଛି। ବନ ବିଭାଗର ବ୍ୟାଘ୍ର ଗଣନା ଟିମ୍ ଜଙ୍ଗଲରେ ବୁଲୁଥିବା ବେଳେ ଏକ ମୃତଦେହ ପଡିଥିବା ଦେଖି ମହୁଲଡିହା ଥାନା ପୋଲିସକୁ ଜଣାଇଥିଲେ। ଶନିବାର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ପୋଲିସ ଜବତ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ବୟସ ୩୫ରୁ ୪୦ବର୍ଷ ମଧ୍ୟରେ ହେବ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ମାମଲା (୧୫/୨୧) ରୁଜୁ କରିଛି।

### ଦେହରେ ନିଆଁ ଲଗାଇ ଆତ୍ମହତ୍ୟା

ବାରିପଦା ଅଫିସ/ ରାଇରଙ୍ଗପୁର,୨୭।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ୫ନଂ ୱାର୍ଡ ପିଛିଲିଘାଟୀ ଅଞ୍ଚଳର ଜଣେ ବ୍ୟକ୍ତି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଦୀପ କୁମାର ରାମ(୫୦)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୧) ରୁଜୁ କରି ରାଇରଙ୍ଗପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ପରିବାର ଲୋକଙ୍କ କହିବାନୁଯାୟୀ, ବୁଧବାର ସକାଳେ ପ୍ରଦୀପ ଗାଧୁଆ ଘରେ ପଶି ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବର୍ତ୍ତନାରେ ଡ୍ରାଇଭର ସଂଘ ବୈଠକ

ଖଇରା, ୨୭।୧୧(ଡି.ଏନ.ଏ.)-ଅଲ ଓଡିଶା ଡ୍ରାଇଭର ମହାସଂଘର ଏକ ବୈଠକ ଖଇରା ବ୍ଲକ ଅଧୀନ ବର୍ତ୍ତନାସ୍ଥିତ ଶନି ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି କାବୁଲୁ ବେହେରା, ଭଦ୍ରକ ପାଇମହୁରା ସିଟି ସ୍କୁଲର ପ୍ରାକ୍ତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ବ୍ଲକ ସଭାପତି ମାନସ କୁମାର ସାହୁ, ସହ ସମ୍ପାଦକ ଜିତେନ୍ଦ୍ର ଦାସ ଯୋଗଦେଇ ଡ୍ରାଇଭରଙ୍କ ପାଇଁ ୫୫ ବର୍ଷ ପରେ ପେନସନ ବ୍ୟବସ୍ଥା, ଦୁର୍ଘଟଣାଜନିତ ମୃତ୍ୟୁରେ ବୀମା ପ୍ରଦାନ ସହ ପିଲାମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ବିନୋଦ କୁମାର ଆଇଚ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

### ଖବରଦାତାଙ୍କ ମାତୃ ବିୟୋଗ

ବାରିପଦା ଅଫିସ,୨୭।୧୧-ବାରିପଦା ବାଘଡାରୋଡସ୍ଥିତ ଖବରଦାତା ଅଭିଜିତ୍



ମହାନ୍ତିଙ୍କ ମା' ମୀନତୀ (୭୮)ଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ଦୁଇ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ପୂର୍ବତନ କାଉନସିଲର ଭାବେ ସେ ବେଶ ଜଣାଶୁଣା ମହିଳା ଥିଲେ। ତାଙ୍କ ବିୟୋଗରେ ଶୋକରଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଛନ୍ତି।

# ସଂଘର୍ଷର ଅନ୍ୟନାମ ଦିବ୍ୟାଙ୍ଗ ନିଦ୍ରାବତୀ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୭।୧୧

**ଅଟୋ ଚଳାଇ ମା'ବାପାଙ୍କ ମୁହଁରେ ଦେଉଛନ୍ତି ଆହାର**

ଦିବ୍ୟାଙ୍ଗ ହେଲେ ବି ସେ ହାର ମାନି ନାହାନ୍ତି। ନିଜେ ଅଟୋ ଚଳାଇ ସ୍ୱାବଲମ୍ବୀ ହେବା ସହ ବୃଦ୍ଧ ମା' ବାପାଙ୍କ ମୁହଁରେ ଆହାର ଦେଉଛନ୍ତି। ତାଙ୍କ ସଂଘର୍ଷମୟ ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ନାରୀଟିଏ ହୋଇ ବି ଦୃଢ଼ ଇଚ୍ଛା ଶକ୍ତି ବଳରେ ସମାଜରେ ଦୃଷ୍ଟାନ୍ତ ସାଜିଛନ୍ତି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଅନ୍ତର୍ଗତ ବଣପାହାଡ଼ ଘେରା ଜନ୍ତାରୀ ଗ୍ରାମର ନିଦ୍ରାବତୀ ନାଏକ। ଋଣ ଅର୍ଥରେ ଅଟୋ କିଣି ପରିବାର ଚଳାଉଥିବା ବେଳେ ସରକାରୀ ସହାୟତାକୁ ସେ ଅପେକ୍ଷା କରି ରହିଛନ୍ତି।

ବାପା ରାମଚନ୍ଦ୍ର ଓ ମା' ଜାଇ ବହୁ କଷ୍ଟରେ ମୂଲ ମଜୁରୀ ଲାଗି ପରିବାର ଚଳାଇ ଆସୁଥିଲେ। ଆର୍ଥିକ ଅନଟନ ଯୋଗୁ ଜୁଙ୍ଗା ହାଇସ୍କୁଲରେ ନବମ ଶ୍ରେଣୀରେ ପଢ଼ିବା ସମୟରେ ନିଦ୍ରାବତୀ ପାଠ ଛାଡ଼ି ବିଲରେ କାମ କରିବା ସହ ମୂଲ ମଜୁରୀ ଲାଗି ମା'ବାପାଙ୍କୁ ରୋଜଗାରରେ ସହାୟତା କରୁଥିଲେ। ତାଙ୍କୁ ଯେତେବେଳେ ୧୮ ବର୍ଷ ହୋଇଥିଲା ସେତେବେଳେ ହଠାତ ଜ୍ୱରରେ ପଡ଼ିଲେ। ଉପଯୁକ୍ତ ଚିକିତ୍ସା ଅଭାବରୁ ଅଣ୍ଟା ତଳକୁ ଦୁର୍ବଳ ହୋଇଯିବାରୁ ଭଲ ଭାବେ ଚଳପ୍ରଚଳ କରିପାରିଲେ ନାହିଁ। ଫଳରେ ଆଉ ମୂଲ ମଜୁରୀ ଲାଗି ନ ପାରି ମା'ବାପାଙ୍କ ଉପରେ ବୋଝ ପାଲଟିଥିଲେ। ତେବେ ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ ଭଳି ରୋଜଗାର କରି ମା'ବାପାଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। ବର୍ଷେ ତଳେ ଧାର କରଜ କରି ୭୨ ହଜାର ଟଙ୍କା ଜମା ଦେଇ ଏକ ଅଟୋ ଫାଇନାନ୍ସରେ ଆଣି ନିଜେ ଚଳାଇବା ଶିଖିଥିଲେ। ସେହି ଅଟୋ ଆଜି ତାଙ୍କ ଜୀବନରେ ପରିବର୍ତ୍ତନ ଆଣି ଦେଇଛି। ଦିନ ରାତି ପରିଶ୍ରମ କରି ଅଟୋରେ ଯାତ୍ରୀଙ୍କୁ ନେବା ଆଣିବା କରି ରୋଜଗାର କରୁଛନ୍ତି। ତେବେ ମାସକୁ ୮ ହଜାର ଟଙ୍କା କିସ୍ତି ଦେବା ବୋଝ ତାଙ୍କୁ ବେଶୀ ଚିନ୍ତିତ କରୁଛି। ଏଣୁ ସରକାରୀ ସହାୟତା କିଛି ମିଳିଲେ ସେ ଋଣ ବୋଝରୁ ମୁକ୍ତି ପାଇ ପାରନ୍ତେ ବୋଲି କହିଛନ୍ତି।



ନିଜ ଅଟୋରେ ନିଦ୍ରାବତୀ।

ତାଙ୍କର ଭାଇ ଅଛନ୍ତି କିନ୍ତୁ ବିବାହ ପରେ ଘରୁ ଅଲଗା ହୋଇଯିବାରୁ ବୃଦ୍ଧ ମା' ବାପାଙ୍କ ଦାୟିତ୍ୱ ନିଦ୍ରାବତୀ ବୁଝୁଛନ୍ତି। ଆହୁରି ୩ ବର୍ଷ ଋଣ କିପରି ଶୁଝିବେ ସେ ନେଇ ଚିନ୍ତାରେ ରହୁଛନ୍ତି। ଏଣୁ ତାଙ୍କୁ ସରକାରୀ ସହାୟତା ମିଳିବା ଜରୁରୀ ବୋଲି ଉକ୍ତ ଅଞ୍ଚଳର ତଳ ବୈତରଣୀ ଗ୍ରାମର ପଦ୍ମଶ୍ରୀ ଦୈତାରୀ ନାୟକ କହିଛନ୍ତି।

ନିଦ୍ରାବତୀ ଅଟୋ ନେଇ ଦୂରଦୂରାନ୍ତ ଯୋଡ଼ା, ବଡ଼ବିଲ, ତେଲକୋଇ, ପାଲଲହଡ଼ା ଆଦି ଅଞ୍ଚଳ ପର୍ଯ୍ୟନ୍ତ ଯାତ୍ରୀ ନେଇ ଯାଇଥିବା କୁହନ୍ତି। ମନରେ ଭୟ ଥିଲେ ବି ଘରେ ବସିଲେ କ'ଣ ହେବ ବୋଲି ସେ କୁହନ୍ତି। ଆଗରୁ ରାତିରେ ଯାତ୍ରୀ ନେଇ ଫେରିବା ସମୟରେ ରାସ୍ତାରେ ଅଟୋ ଖରାପ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଅନେକ ସମୟରେ ଗ୍ରାମବାସୀ ତଥା ଯାତ୍ରୀମାନେ ମଧ୍ୟ ସହାୟତା କରିଥିବା ସେ କହିଛନ୍ତି। ଏସମ୍ପର୍କରେ ଜିଲାପାଳ ଆଶୀଷ ଠାକରେ କହିଛନ୍ତି ଯେ ତାଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ସେହିପରି ବାଂଶପାଳ ବ୍ଲକ ବିଡିଓ କହିଛନ୍ତି, ତାଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

## ଗାଁରୁ ଶିଶୁକନ୍ୟା ନିଖୋଜ

ରୂପସା/ବସ୍ତା, ୨୭।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତ ନିମା ଗାଁଦାଣ୍ଡରୁ ଶନିବାର ସକାଳେ ହଠାତ୍ ଜଣେ ଶିଶୁକନ୍ୟା ନିଖୋଜ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଏହି ଗ୍ରାମର ଉମାକାନ୍ତ ପ୍ରଧାନଙ୍କ ୩ବର୍ଷର ଝିଅ ସାଇସ୍ମିତା ଶନିବାର ଘର ବାହାରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁତ ଖୋଜାଖୋଜି ପରେ ବି କୌଣସି ସନ୍ଧାନ ପାଇ ନ ଥିଲେ। ଏହାପରେ ପରିବାର ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ଶିଶୁକନ୍ୟାର କୌଣସି ଖୋଜଖବର ମିଳିନାହିଁ। ପିଲାକୁ ନ ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ଘରେ ଘରେ ପ୍ରଥମାଷ୍ଟମୀ ପର୍ବ ପାଳନ ହେଉଥିବା ବେଳେ କେହି ପିଲା ଚୋର ଅପହରଣ କରିଥିବା ସନ୍ଦେହ କରାଯାଉଛି।

# ଇଡ଼ଦାରେ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିଲେ ଜଳସମ୍ପଦ ମନ୍ତ୍ରୀ

ଲଙ୍ଗଳେଶ୍ୱର, ୨୭।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଇଡ଼ଦା ପଞ୍ଚାୟତରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କ ଦ୍ୱାରା ଶନିବାର ସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ଏହି କାର୍ଡ଼ ଦ୍ୱାରା ଲୋକେ ମାଗଣାରେ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ୫ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ।

ଇଡ଼ଦା ସରପଞ୍ଚ ଦେବୀ ପ୍ରସାଦ ଭଞ୍ଜ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ସାମାଜିକ କର୍ମୀ ସୁବାସିନୀ ଜେନା, ବ୍ଲକ ଉପାଧ୍ୟକ୍ଷା ରଞ୍ଜନା ଦାସ, ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ବିଜୁ କୃଷକ ଜନତା ଦଳର ଜିଲା ସଭାପତି ଅଭୟ କୁମାର ସାମଲ, ପୂର୍ବତନ ସରପଞ୍ଚ ଅଞ୍ଜନ ଦଣ୍ଡପାଟ, ବରୁଣଗଡ଼ିଆ ସରପଞ୍ଚ ଲିପିକା ରାଉଳ, ବସ୍ତା ବିଡ଼ିଓ ଜ୍ଞାନ ରଞ୍ଜନ ଦାସ, ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସ, ବସ୍ତା ମେଡ଼ିକାଲ ଅଫିସର ଦେବବ୍ରତ ଜେନା, ସାମାଜିକ କର୍ମୀ ବଳରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବସ୍ତା ଥାନାଧିକାରୀ ସୁବ୍ରତ କୁମାର ବେହେରା, ସିଂଲା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ଆଇନଶୃଙ୍ଖଳା ପରିସ୍ଥିତି ନିୟମନ୍ତ୍ରଣ କରିଥିଲେ।



ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି।

# ଜେଏସ୍‌ପିଏଲ୍‌ର ବଡ଼ବିଲ୍ ୟୁନିଟ୍‌କୁ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର

ଯୋଡ଼ା,୨୭।୧୧(ଡି.ଏନ.ଏ.)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସପିଏଲ)ର ବଡ଼ବିଲ ୟୁନିଟକୁ ଗ୍ରୀନ ଟେକ ଫାଉଣ୍ଡେସନ ପକ୍ଷରୁ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଏମ୍ପ୍ଲଇଜ୍ ଏଙ୍ଗେଜମେଣ୍ଟ ବିଭାଗରେ ପାରଦର୍ଶିତା ପାଇଁ କମ୍ପାନୀ ଏହି ପୁରସ୍କାର ଲାଭ କରିଛି। ଗ୍ରୀନଟେକ ଫାଉଣ୍ଡେସନ ପକ୍ଷରୁ ତାମିଲନାଡୁର ମହାବଳିପୁରମରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବଡ଼ବିଲ ୟୁନିଟ୍‌ର ମାନବ ସମ୍ବଳ ମୁଖ୍ୟ ଶରତ କିଶୋର ପଣ୍ଡା କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ବଡ଼ବିଲ ୟୁନିଟ୍‌ର ୟୁନିଟ ମୁଖ୍ୟ ବ୍ରିଜ ବଦହଦରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପୁରସ୍କାର ପାଇଁ ପଣ୍ଡା ଗ୍ରୀନଟେକ ଫାଉଣ୍ଡେଶନ ତଥା ବିଚାରକ ମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନିକଟରେ ବଡ଼ବିଲ ୟୁନିଟ ମାନବ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜିଓମାଇଁଟେକ ଗୋଲ୍ଡେନ ପୁରସ୍କାର ଲାଭ କରିଛି।

## ୨୯ରେ ମୟୂରଭଞ୍ଜ ବନ୍ଦ

ବାରିପଦା ଅଫିସ,୨୭।୧୧

ମୟୂରଭଞ୍ଜ ଆଦିବାସୀ ଯୁବଛାତ୍ର ସଙ୍ଗଠନ ମାସା ଆର୍ମି ପକ୍ଷରୁ ଆସନ୍ତା ୨୯ରେ ଜିଲା ବନ୍ଦ ଡାକରା ଦିଆଯାଇଛି। ଆଦିବାସୀଙ୍କ ନ୍ୟାର୍ଯ୍ୟ ଦାବିକୁ ପୂରଣ କରିବା ପାଇଁ ଡାକରାକୁ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ନୈତିକ ସମର୍ଥନ ଜଣାଇଛି। ସାନ୍ତାଳୀ, ମୁଣ୍ଡାରୀ, ହୋ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜଭାଷା ମାନ୍ୟତା ସହିତ ସାନ୍ତାଳୀ ଭାଷାକୁ ଭାଷାଗତ ସଂଖ୍ୟାଲଘୁ ଏବଂ ମୁଣ୍ଡାରୀ ଭୂମିଜ ଏବଂ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ନିମନ୍ତେ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଦାବି ହାସଲ ପାଇଁ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା କୁହାଯାଇଛି।

# ୬ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବାଣ୍ଟିଲେ ବିଧାୟକ



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଜଣେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବାଣ୍ଟୁଛନ୍ତି।

ବାସୁଦେବପୁର, ୨୭।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୬ଟି ପଞ୍ଚାୟତରେ ଶନିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ଼ ବଣ୍ଟନ କରାଯାଇଛି। ପ୍ରଥମ ଦିବସରେ ସୁଦର୍ଶନପୁର, ଆର୍ଡୁଂ, ପଦ୍ମୁଆଁ, ଜଗନ୍ନାଥପୁର, କୁମାରପୁର, ନୂଆଗାଁ ପଞ୍ଚାୟତରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦ୍ୱାରା ଏହି ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି। ଓଡ଼ିଶାର ଜନସାଧାରଣ ଓ ହିତାଧିକାରୀଙ୍କ ପାଇଁ ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିଧାୟକ ରାଉତରାୟ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସତ୍ୟଜିତ ରାଉତ, ପଦ୍ମୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ଜଗନ୍ନାଥପୁର ସରପଞ୍ଚ ଯଦୁନାଥ ନାୟକ, ତହସିଲଦାର ଅନୀତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରତିଦିନ ପର୍ଯ୍ୟାୟକ୍ରମେ ଅନ୍ୟ ପଞ୍ଚାୟତରେ ଏହି ସ୍ମାର୍ଟକାର୍ଡକୁ ବିଧାୟକ ବଣ୍ଟନ କରିବାର ଯୋଜନା ରହିଛି।

# 'ଚିକିତ୍ସା ପାଇଁ ଆଉ ଜମି ବିକିବାକୁ ପଡ଼ିବନି'

ଖଇରା, ୨୭।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାର ଶୁଭାରମ୍ଭ ହୋଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରଥମ ପର୍ଯ୍ୟାୟରେ ୫୦ଜଣଙ୍କୁ ଏହି କାର୍ଡ ପ୍ରଦାନ କରିବା ଅବସରରେ ପୂର୍ବରୁ କିଛି ବଡଧରଣର ରୋଗ ପାଇଁ ଗରିବ ଲୋକଙ୍କୁ ଅର୍ଥ ଯୋଗାଡ ପାଇଁ ଜମି ବିକିବାକୁ ପଡୁଥିଲା। ହେଲେ ଏବେ ଚିକିତ୍ସା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ମହେନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ବିପ୍ପଣୀ ନିରୀକ୍ଷକ ନିରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବନେତା ମାନସ ଦାଶ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ସାମଲ ତଥା ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ କାର୍ଡ ବଣ୍ଟନ ପରିଚାଳନାରେ ସହଯୋଗ କରିଥିଲେ।





ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

## ଶୁଖିଲା ଗଛ ପଡ଼ି ୨ଆହତ

କେନ୍ଦୁଝର, ୨୭।୧୧(ସ୍ୱ.ପ୍ର.)

କେନ୍ଦୁଝରଗଡ ପୌରପାଳିକାର ମାଧପୁର ନିକଟରେ ଏନ୍‌ଏଚ୍ ୪୯ କଡ଼ରେ ଥିବା ବହୁ ପୁରୁଣା ଅସୁରକ୍ଷିତ ଶୁଖିଲା ଗଛ ହଠାତ ଉପୁଡି ପଡ଼ିବାରୁ କେତେକ ଗାଡି ଭାଙ୍ଗିବା ସହ ଦୁଇ ଜଣ ଲୋକ ଆହତ ହୋଇଛନ୍ତି। ଦିନ ବେଳା ଲୋକଙ୍କ ଚଳପ୍ରଚଳ ତଥା ରାସ୍ତାରେ ଲାଇନ ଟ୍ରକ ଚଳାଚଳ ସମୟରେ ଗଛଟି ପଡିଯିବାରୁ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ପୂର୍ବରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାକୁ କଟାଯାଇ ନ ଥିବାରୁ ଏଥିପାଇଁ ପୌରପ୍ରଶାସନକୁ ସ୍ଥାନୀୟ ଲୋକ ଦାୟୀ କରି କ୍ଷତିପୂରଣ ଦାବି କରିଛନ୍ତି। ଗଛ ପଡିଯିବାରୁ ଦୋକାନକୁ ଆସିଥିବା ପୀତବାସ ମହାନ୍ତଙ୍କ ପିଠିପଛ ଆଘାତ ଲାଗିଥିବାବେଳେ ଗାଡି ସଜାଡିବାକୁ ସହରକୁ ଆସିଥିବା ମଲଦା ଅଞ୍ଚଳର ରାଜିବ ଲୋଚନ ବାରିକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେହିପରି ସହରର ଟେଲିଫୋନ ଏକ୍ସେଚେଞ୍ଜ ସାଇ ମନ୍ଦିର ନିକଟରେ ଗୋଟିଏ ଶୁଖିଲା ଗଛ, ତେଲକୋଇ ବସ ଷ୍ଟପରେ ଅନ୍ୟ ଏକ ବଡ ଶୁଖିଲା ଗଛ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଦୁର୍ଘଟଣା ଆଶଙ୍କା ଥିବାରୁ ତୁରନ୍ତ ଉଠାଇବାକୁ ଦାବି ହେଉଛି।

# ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ଭଣ୍ଡାରିପୋଖରୀ,୨୭।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନେରଡ଼ା, ଝୁଟଣା, ନାଆଁମି, ତେସିଙ୍ଗା, ରାଜେନ୍ଦ୍ରପୁର ଓ ଦାଳ-ମଡିଆଳୀ ପଞ୍ଚାୟତରେ ଶନିବାର ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଜିଲାପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ , ପ୍ରାଣୀତକାନ୍ତ ସାମଲ ପ୍ରମୁଖ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ। ଏହି ଯୋଜନାରେ ଭଣ୍ଡାରିପୋଖରୀ ବ୍ଲକର ୨୩ ପଞ୍ଚାୟତରେ ମୋଟ ୨୭୩୬୩ ଜଣ ହିତାଧିକାରୀ ଉପକୃତ ହେବେ। ଶନିବାର ଅପରାହ୍ନରେ ରାଜେନ୍ଦ୍ର ଖଣ୍ଡାୟୀଙ୍କ ସଂଯୋଜନାରେ ଦୟାନିଧି ପଣ୍ଡାଙ୍କ ସଭାପତିତ୍ୱରେ ତେସିଙ୍ଗା ପଞ୍ଚାୟତର ୨୦ ଜଣ ହିତାଧିକାରୀଙ୍କୁ ବିଧାୟକ ସାମଲ, ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଗୋଲକ ବେହେରା, ବିଡିଓ, ତହସିଲଦାର, ଜିଲାପରିସଦ ସଭ୍ୟ ପ୍ରମୁଖ ଯୋଗ ଦେଇ ଏହି କାର୍ଡ ବଣ୍ଟନ କରିଥିଲେ।





ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବରେ ଉପସ୍ଥିତ ଅତିଥିଗଣ।

# 'ଭିଜନ୍-୨୦୪୦' ସ୍ୱତ୍ୱାଧିକାର ସମାବେଶ





ସମାବେଶରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୨୭।୧୧

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭିଜନ୍-୨୦୪୦' ଉପଲକ୍ଷେ ଆରମ୍ଭ ହୋଇଥିବା ସ୍ୱତ୍ୱାଧିକାର ସମାବେଶ ଉଦ୍‌ଯାପିତ ହୋଇଯାଇଛି। ଡ. ସନ୍ତୋଷ କୁମାର ଅଗ୍ରୱାଲା, ଡ. ନିହାର ରଞ୍ଜନ ରାଉତରାୟ, ଆର୍.କେ ରାୟ, ଆର୍. କେ ନାୟକ, ଡ. ଏମ୍‌ଟି ଦାସ, ମାନସ ପାତ୍ର, ଡ. ଦେବାଶିଷ ପାତ୍ର, ଡ. ପଦ୍ମଲିତା ରାଉତରାୟ, ଡ. ଦେବଦତ୍ତ ଦାସ ପ୍ରମୁଖଙ୍କ ସଂଯୋଜନା ଓ ତତ୍ତ୍ୱାବଧାନରେ ଦୁଇଦିନିଆ କାର୍ଯ୍ୟକ୍ରମରେ ମୋଟ୍ ୪ଟି ବର୍ଗର ସ୍ୱତ୍ୱାଧିକାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଦସ୍ୟ, ଛାତ୍ରୀଛାତ୍ରଙ୍କ ଅଭିଭାବକ, ଉଦ୍ୟୋଗପତି ହିତାଧିକାରୀ ଭାବରେ ଯୋଗଦେଇ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ।

୪ଟି ବର୍ଗର ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କ ଆଲୋଚନାକୁ ପାଥେୟ କରି କାର୍ଯ୍ୟକ୍ରମର ଫଳାଫଳ ତଥା ସିଦ୍ଧାନ୍ତ ଓ ନିଷ୍କର୍ଷ ଉପସ୍ଥାପିତ ହୋଇଥିଲା। ଗବେଷଣା, ପ୍ରକାଶନ, ଗୁଣାତ୍ମକ ମୂଲ୍ୟବୋଧଯୁକ୍ତ ସ୍ନାତକୋତ୍ତର ପାଠ୍ୟ ଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାଠାରୁ ଆରମ୍ଭ କରି ବିଦ୍ୟାର୍ଥୀମାନଙ୍କ ମେଧା ଶକ୍ତି ଓ ସ୍ୱତନ୍ତ୍ର ପ୍ରତିଭା ଆବିଷ୍କାର ପୂର୍ବକ ତାକୁ ପ୍ରତିଷ୍ଠିତ କରିବା ପର୍ଯ୍ୟନ୍ତ ଅନୁଷ୍ଠାନର ଦାୟିତ୍ୱ 'ଭିଜନ୍-୨୦୪୦'ର ଏକ ବିଶେଷ ଆଭିମୁଖ୍ୟ ରୂପେ ଶିକ୍ଷକମଣ୍ଡଳୀ ବିଚାରକୁ ନେଇ ତର୍ଜମା କରିଥିଲେ। ଅନୁରୂପ ଭାବେ ଅନୁଷ୍ଠାନରେ ସଂଗ୍ରହାଳୟ ପ୍ରତିଷ୍ଠା, ଇ-କାର୍ଯ୍ୟାଳୟ ବ୍ୟବସ୍ଥା ଏବଂ ଯୁଗୀୟ ବୈଶିଷ୍ଟ୍ୟ ଅନୁସାରୀ ପରିସର ପ୍ରସ୍ତୁତି ଉପରେ ବରିଷ୍ଠ ନାଗରିକ ହିତାଧିକାରୀ ଗୁରୁତ୍ୱ ଦେଇଥିଲେ। 'ଭିଜନ୍-୨୦୪୦' ପାଇଁ ଏହି ପଦକ୍ଷେପ ନିଶ୍ଚିତ ଉପକାରକ ହୋଇପାରିବ। ଏହା କେବଳ ଆରମ୍ଭ ମାତ୍ର, ଏଥିନିମିତ୍ତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକଙ୍କ ଯଥେଷ୍ଟ ଶ୍ରମଦାନର ଆବଶ୍ୟକତା ରହିଛି। ସକରାତ୍ମକ ଚିନ୍ତାଧାରା ବିନା ଏହା ସମ୍ଭବ ହେବା ସହଜ ନୁହେଁ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ।

## ବିଦାୟ ସମ୍ବର୍ଦ୍ଧନା ଉତ୍ସବ

କପ୍ତିପଦା,୨୭।୧୧(ଡି.ଏନ.ଏ.)

କପ୍ତିପଦା ମହାବିଦ୍ୟାଳୟର ଇତିହାସ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ +୨ ଓ +୩ ଇତିହାସ ସମ୍ମାନର ଶିକ୍ଷାର୍ଥୀମାନେ ଆୟୋଜନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ନୀରୋଜ କୁମାର ଖୁଣ୍ଟିଆ, ବିଭାଗୀୟ ଅଧ୍ୟାପକ ସନ୍ତୋଷ କୁମାର କାର୍ଜୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିଭାଗର ଅଧ୍ୟାପକ ଅଜିତ କୁମାର ସାହୁ ବିଦାୟୀ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ସୋନାଲି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

